# NATIONAL NEWS BULLETIN (ODIA)
## 3 March - 2026
## Evening Bulletin : 7.15 p.m.

***********************************

## ମୁଖ୍ୟ ସମ୍ବାଦ

- ଆଲୋଚନା ଓ କୂଟନୀତି ମାଧ୍ୟମରେ ପଶ୍ଚିମ ଏସିଆ ଅଞ୍ଚଳରେ ଦେଖାଦେଇଥିବା ଉତ୍ତେଜନା ମୂଳକ ପରିସ୍ଥିତିର ସମାଧାନ ସମ୍ଭବ ବୋଲି ଭାରତର ଦୃଢ଼ୋକ୍ତି ।
- ତୈଳ ଯୋଗାଣକାରୀ ଦେଶଗୁଡ଼ିକ ମଧ୍ୟରେ ସାମ୍ପ୍ରତିକ ବିବାଦକୁ ନେଇ ସୃଷ୍ଟି ହେବାକୁ ଥିବା ଶକ୍ତି ସଂକଟର ମୁକାବିଲା ଲାଗି ଭାରତ ପ୍ରସ୍ତୁତ ଥିବା ସୂଚନା ।

– ଅଶୋଧିତ ତୈଳ ମୂଲ୍ୟ ଆଜି ପୁଣି ୭ ପ୍ରତିଶତ ବୃଦ୍ଧି ।

- ତଟବର୍ତ୍ତୀ ଅଞ୍ଚଳର ସୁରକ୍ଷା ଓ ଯୁଦ୍ଧ ଜାହାଜରୁ କ୍ଷେପଣାସ୍ତ୍ର ଉତ୍କ୍ଷେପଣ ନିମନ୍ତେ ୫ ହଜାର ୮୩ କୋଟି ଟଙ୍କାର ଚୁକ୍ତି ସ୍ୱାକ୍ଷର କଲା ପ୍ରତିରକ୍ଷା ମନ୍ତ୍ରଣାଳୟ ।

ଏବଂ

- ବର୍ମିଂହାମ୍‌ଠାରେ ଆଜି ଆରମ୍ଭ ହୋଇଥିବା ଅଲ୍ ଇଂଲଣ୍ଡ ବ୍ୟାଡ୍‌ମିଣ୍ଟନ୍ ଚାମ୍ପିୟନ୍‌ସିପ୍‌ର ପୁରୁଷ ଏକକ ବର୍ଗରେ ଭାରତ ଓ ଚୀନ୍ ମଧ୍ୟରେ ମୁକାବିଲା ଜାରି ।

## ଏମ୍ଇଏ-ଓ୍ୱେଷ୍ଟ ଏସିଆ

ଆଲୋଚନା ଏବଂ କୂଟନୀତି ମାଧ୍ୟମରେ ପଶ୍ଚିମ ଏସିଆ ଅଞ୍ଚଳରେ ଦେଖାଦେଇଥିବା ଉତ୍ତେଜନା ମୂଳକ ପରିସ୍ଥିତିର ସମାଧାନ କରାଯାଇପାରିବ ବୋଲି ଭାରତ ଦୃଢ଼ ଭାବେ ମତବ୍ୟକ୍ତ କରିଛି । ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ମୁଖପାତ୍ର ରଣଧୀର ଜୟସ୍ୱାଲ କହିଛନ୍ତି, ସୃଷ୍ଟି ହୋଇଥିବା ଉତ୍ତେଜନାମୂଳକ ପରିସ୍ଥିତିର ତୁରନ୍ତ ସମାଧାନ ନେଇ ଭାରତ ଆଶାବାଦୀ ରହିଛି । ଏଭଳି ପରିସ୍ଥିତି ଯୋଗୁଁ ଅନେକ ସଂଖ୍ୟାରେ ସାଧାରଣ ଲୋକଙ୍କ ମୃତ୍ୟୁ ଘଟଣାରେ ସେ ଦୁଃଖ ପ୍ରକାଶ କରିଛନ୍ତି ।

ମୁଖପାତ୍ର ଜଣକ କହିଛନ୍ତି, ମଧ୍ୟପ୍ରାଚ୍ୟ ଦେଶଗୁଡ଼ିକରେ ପ୍ରାୟ ୧ କୋଟିରୁ ଅଧିକ ଭାରତୀୟ ବସବାସ କରୁଛନ୍ତି । ସେହିସବୁ ଅଞ୍ଚଳରେ ସୃଷ୍ଟି ହୋଇଥିବା ପରିସ୍ଥିତି ଭାରତୀୟମାନଙ୍କ ଉପରେ ପ୍ରଭାବ ପକାଉଛି ଏବଂ ଏଥି ନେଇ ଭାରତ ସଜାଗ ରହିଛି । ଆମେରିକା, ଇସ୍ରାଏଲ୍ ଓ ଇରାନ୍ ମଧ୍ୟରେ ଦେଖାଦେଇଥିବା ବିବାଦ ଭୌଗଳିକ ସ୍ତରରେ ବାଣିଜ୍ୟ ଓ

ଯୋଗାଣ ଶୃଙ୍ଖଳକୁ ଅସ୍ଥିର କରିଥିବାରୁ, ଶ୍ରୀ ଜୟସ୍ୱାଲ କହିଛନ୍ତି, ଭାରତୀୟ ଅର୍ଥନୀତି ଉପରେ ଏହାର ସୁଦୂର ପ୍ରସାରୀ ପ୍ରଭାବ ଦେଖାଦେଇପାରେ । ବିଶ୍ୱରେ ଭାରତ ଭଳି ଦେଶର ନାଗରିକମାନେ କାର୍ଯ୍ୟ କ୍ଷେତ୍ରରେ ଆଗରେ ରହିଥିବା ବେଳେ, ବାଣିଜ୍ୟିକ ଜାହାଜଗୁଡ଼ିକ ଉପରେ ଆକ୍ରମଣକୁ  ଭାରତ ବିରୋଧ କରୁଛି ବୋଲି ସେ କହିଛନ୍ତି । ଗତ କିଛି ଦିନ ମଧ୍ୟରେ ଆକ୍ରମଣ ଏବଂ ପ୍ରତିଆକ୍ରମଣ ଯୋଗୁଁ କେତେ ଜଣ ଭାରତୀୟ ନାଗରିକଙ୍କ ମୃତ୍ୟୁ ଘଟିଥିବା ଶ୍ରୀ ଜୟସ୍ୱାଲ କହିଛନ୍ତି ।

ସେ କହିଛନ୍ତି, ସୃଷ୍ଟି ହୋଇଥିବା ଉତ୍ତେଜନାମୂଳକ ପରିସ୍ଥିତି ଅଧିକ ଦେଶକୁ ପ୍ରସାରିତ ହେଉଛି, ଯାହାଫଳରେ ବିଭିନ୍ନ ପ୍ରକାର ଧ୍ୱଂସ ଲୀଳା ସହ ମୃତ୍ୟୁ ସଂଖ୍ୟା ମଧ୍ୟ ବୃଦ୍ଧି ପାଇବାରେ ଲାଗିଛି । ଏଥିଯୋଗୁଁ ସାଧାରଣ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଥିବା ବେଳେ ଅର୍ଥନୈତିକ କାର୍ଯ୍ୟକଳାପ ଏକ ପ୍ରକାର ସ୍ଥାଣୁ ପାଲଟି ଯାଇଛି । ଶ୍ରୀ ଜୟସ୍ୱାଲ କହିଛନ୍ତି, ଇରାନ୍ ଏବଂ ମଧ୍ୟପ୍ରାଚ୍ୟ ଅଞ୍ଚଳରେ ସୃଷ୍ଟି ହୋଇଥିବା ପରିସ୍ଥିତି ଉପରେ ଭାରତ ତୀକ୍ଷ୍ଣ ନଜର ରଖିଛି ଏବଂ ଚିନ୍ତାବ୍ୟକ୍ତ କରିଛି । ଏଭଳି ସମୟରେ ଭାରତ ସବୁ ପକ୍ଷକୁ ବିବାଦ ଏଡ଼ାଇ ସାଧାରଣ ଲୋକଙ୍କ ସୁରକ୍ଷାକୁ ଅଗ୍ରାଧିକାର ଦେଇ ସମାଧାନର ପନ୍ଥା ବାହାର କରିବା ଲାଗି ଆହ୍ୱାନ ଦେଇଛି । ଶ୍ରୀ ଜୟସ୍ୱାଲ କହିଛନ୍ତି, ରମଜାନ ଭଳି ପବିତ୍ର ମାସରେ ଦେଶ ଦେଶ ମଧ୍ୟରେ ସୃଷ୍ଟି ହୋଇଥିବା ବିବାଦ ଦୁର୍ଭାଗ୍ୟପୂର୍ଣ୍ଣ । ଉତ୍ତେଜନାମୂଳକ ପରିସ୍ଥିତି ସୃଷ୍ଟି ହୋଇଥିବା ଦେଶଗୁଡ଼ିକରେ ଥିବା ଭାରତୀୟ ଦୂତାବାସ ପକ୍ଷରୁ

ପରାମର୍ଶବଳୀ ଜାରି କରାଯାଇଛି । ସେଠାରେ ରହୁଥିବା ଭାରତୀୟ ନାଗରୀକମାନଙ୍କୁ ସମସ୍ତ ସମ୍ଭାବ୍ୟ ସହାୟତା ଯୋଗାଇଦେବା ଲାଗି ଦୂତାବାସଗୁଡ଼ିକ ପ୍ରସ୍ତୁତ ରହିଛନ୍ତି । ଶ୍ରୀ ଜୟସ୍ୱାଲ କହିଛନ୍ତି, ଭାରତ ସରକାର ମଧ୍ୟ ସମ୍ପୃକ୍ତ ଦେଶଗୁଡ଼ିକର ସରକାରଙ୍କ ସହ ସମ୍ପର୍କରେ ରହିଛନ୍ତି । ପ୍ରଧାନମନ୍ତ୍ରୀ ଏବଂ ବୈଦେଶିକ ବ୍ୟାପାର ମନ୍ତ୍ରୀ ବିଭିନ୍ନ ଦେଶର ପ୍ରତିପକ୍ଷଙ୍କ ସହ ଆଲୋଚନା କରି ଭାରତୀୟ ନାଗରୀକମାନଙ୍କ ସୁରକ୍ଷା ନେଇ ପଦକ୍ଷେପ ନେବାକୁ ଅନୁରୋଧ କରିଛନ୍ତି ।

## ପେଟ୍ରୋଲିୟମ୍ ମିନିଷ୍ଟ୍ରି ଓ୍ୱେଷ୍ଟ ଏସିଆ

ସମ୍ପ୍ରତି ତୈଳ ଯୋଗାଣକାରୀ ଦେଶଗୁଡ଼ିକ ମଧ୍ୟରେ ସୃଷ୍ଟି ହୋଇଥିବା ଯୁଦ୍ଧ ଭଳି ପରିସ୍ଥିତି ଯୋଗୁଁ ଶକ୍ତି ସଂକଟ ଦେଖାଦେବାର ଆଶଙ୍କା ପ୍ରକାଶ ପାଇଛି । କେନ୍ଦ୍ର ପେଟ୍ରୋଲିୟମ୍ ଓ ପ୍ରାକୃତିକ ଗ୍ୟାସ୍ ମନ୍ତ୍ରଣାଳୟ ପକ୍ଷରୁ ଏ ନେଇ ଦିଆଯାଇଥିବା ସ୍ପଷ୍ଟିକରଣରେ କୁହାଯାଇଛି, ଭାରତ ହେଉଛି ବିଶ୍ୱର ତୃତୀୟ ବୃହତମ ତୈଳ ଆମଦାନୀକାରୀ, ଚତୁର୍ଥ ବୃହତମ ତୈଳ ବିଶୋଧନକାରୀ ଏବଂ ପଞ୍ଚମ ବୃହତମ ପେଟ୍ରୋଲିୟମ୍ ଜାତ ପଦାର୍ଥର ରପ୍ତାନୀକାରୀ । ତେଣୁ ଜାରି ରହିଥିବା ପରିସ୍ଥିତିରେ ତୈଳ ଆବଶ୍ୟକତାର ପୂରଣ କରିବା ଲାଗି ଭାରତ ପାଖରେ ଯଥେଷ୍ଟ ତୈଳ ମହଜୁଦ ରହିଥିବା ମନ୍ତ୍ରଣାଳୟ କହିଛି । ସୂଚନା ଅନୁଯାୟୀ ପେଟ୍ରୋଲ, ପେଟ୍ରୋଲ ଜାତ

ପଦାର୍ଥ ଏବଂ ଡିଜେଲ ଆବଶ୍ୟକତା ମେଣ୍ଟାଇବା ପାଇଁ ଯଥେଷ୍ଟ ତୈଳ ମହଜୁଦ ଅଛି ବୋଲି ଜଣାପଡ଼ିଛି । ପଶ୍ଚିମ ଏସିଆ ଅଞ୍ଚଳରେ ସୃଷ୍ଟି ହୋଇଥିବା ପରିସ୍ଥିତି ଯୋଗୁଁ ତୈଳ ଯୋଗାଣ ଏବଂ ତୈଳ ମହଜୁଦ ଉପରେ ନଜର ରଖିବା ଲାଗି ୨୪ ଘଣ୍ଟିଆ କଣ୍ଟ୍ରୋଲ ରୁମ୍ ସ୍ଥାପନ କରାଯାଇଛି । କେନ୍ଦ୍ର ପେଟ୍ରୋଲିୟମ୍ ଓ ପ୍ରାକୃତିକ ଗ୍ରାସ୍ ମନ୍ତ୍ରୀ ହରଦୀପ ସିଂହ ପୁରୀ ଆଜି ଗଣମାଧ୍ୟମକୁ ଦେଶର ପ୍ରସ୍ତୁତି ସମ୍ପର୍କରେ ସୂଚନା ଦେଇଛନ୍ତି ।

## କ୍ରୁଡ୍ ଅଏଲ୍

ବିଶ୍ୱ ଅଶୋଧିତ ତୈଳ ମୂଲ୍ୟ ଆଜି ୭ ପ୍ରତିଶତ ବୃଦ୍ଧି ପାଇଛି । ପଶ୍ଚିମ ଏସିଆରେ ବଢୁଥିବା ସଂଘର୍ଷ ଏବଂ ମୁଖ୍ୟ ତୈଳ ଉତ୍ପାଦନ ଅଞ୍ଚଳରୁ ହର୍ମୁଜ୍ ପ୍ରଣାଳୀ ମାଧ୍ୟମରେ ଯାତାୟତ କରୁଥିବା ଜାହାଜ ଗୁଡ଼ିକ ପ୍ରତି ଧମକ ଯୋଗୁଁ ଏହି ଦାମ୍ ବୃଦ୍ଧି ପାଇଛି । ବ୍ରେଣ୍ଟ ଅଶୋଧିତ ତୈଳ ୭ ଦଶମିକ୍ ୭ ପ୍ରତିଶତରୁ ଅଧିକ ବୃଦ୍ଧି ପାଇ ୮୩ ଆମେରିକୀୟ ଡଲାର୍‌ରେ ପହଞ୍ଚିଛି । ସେହିଭଳି ଡବ୍ଲ୍ୟୁ.ଟି.ଆଇ. ଅଶୋଧିତ ତୈଳ ଦାମ୍ ମଧ୍ୟ ବ୍ୟାରେଲ୍ ପିଛା ୭ ପ୍ରତିଶତ ବୃଦ୍ଧି ପାଇ ୭୬ ଆମେରିକୀୟ ଡଲାର୍‌ରେ ପହଞ୍ଚିଛି ।

# ଜନଔଷଧୀ

ଉଚ୍ଚମାନର ଜେନେରିକ୍ ଔଷଧକୁ ସ୍ୱଳ୍ପ ମୂଲ୍ୟରେ ଦେଶ ବ୍ୟାପି ଉପଲବ୍ଧ କରାଇବା ଲକ୍ଷ୍ୟ ନେଇ ରସାୟନ ଓ ସାର ମନ୍ତ୍ରଣାଳୟ ପକ୍ଷରୁ ଜନଔଷଧୀ ସପ୍ତାହ ୨୦୨୬ ପାଳନ କରାଯାଉଛି । ଏହି ଅଭିଯାନର ତୃତୀୟ ଦିନରେ ଆଜି ମହିଳା, ବରିଷ୍ଠ ନାଗରିକ ଓ ଶିଶୁମାନଙ୍କ ସ୍ୱାସ୍ଥ୍ୟସେବାକୁ ଗୁରୁତ୍ୱ ଦେଇ ୪୭ଟି ଶିବିରର ଆୟୋଜନ କରାଯାଇଥିଲା । ଶିବିରରେ ନିଶୁଳ୍କ ରୋଗ ଚିହ୍ନଟ, ପରାମର୍ଶ ଓ ବ୍ୟାପକ ଭାବେ ଜେନେରିକ୍ ଔଷଧ ବଣ୍ଟନ କରାଯାଇଥିଲା । ଏହି ଅଭିଯାନ ଚଳିତ ମାସ ୭ ତାରିଖ ଯାଏଁ ଚାଲିବ ।

# ଡିଫେନ୍ସ-କଣ୍ଟ୍ରାକ୍ଟ

ପ୍ରତିରକ୍ଷା ମନ୍ତ୍ରଣାଳୟ ଆଜି ୫ ହଜାର ୮୩ କୋଟି ଟଙ୍କାର ଆଧୁନିକ ହାଲୁକା ହେଲିକ୍ୟାପ୍ଟର କ୍ରୟ ନିମନ୍ତେ ଚୁକ୍ତି ଚୂଡ଼ାନ୍ତ କରିଛି । ଯୋଜନା ମୁତାବକ ଭାରତୀୟ ତଟରକ୍ଷୀ ବାହିନୀ ପାଇଁ ଅତ୍ୟାଧୁନିକ କମ୍ ଓଜନ ବିଶିଷ୍ଟ ହେଲିକ୍ୟାକ୍ଟର ଏବଂ କ୍ଷେପଣାସ୍ତ୍ରର ଉତ୍କ୍ଷେପଣ ନିମନ୍ତେ ଆବଶ୍ୟକ ହେଉଥିବା ଯନ୍ତ୍ରାଂଶ କ୍ରୟ କରାଯିବ । ଆଜି ନୂଆଦିଲ୍ଲୀରେ ପ୍ରତିରକ୍ଷା ସଚିବ ରାଜେଶ କୁମାର ସିଂହଙ୍କ ଉପସ୍ଥିତିରେ ଏହି ଚୁକ୍ତି ସ୍ୱାକ୍ଷରିତ ହୋଇଛି ।

ସୂଚନା ଅନୁଯାୟୀ ଅତ୍ୟାଧୁନିକ ହାଲୁକା ହେଲିକ୍ୟାପ୍ଟର ପାଇଁ ୨ହଜାର ୯୦୧ କୋଟି ଟଙ୍କାର ଚୁକ୍ତି ହିନ୍ଦୁସ୍ତାନ ଏରୋନଟିକ୍ସ ଲିମିଟେଡ୍ – ହାଲ୍ ବେଙ୍ଗାଲୁରୁ ସହ ସ୍ୱାକ୍ଷରିତ ହୋଇଥିବା ବେଳେ ଏଥିରେ ୨ ଇଞ୍ଜିନ୍ ବିଶିଷ୍ଟ ସ୍ୱଦେଶୀ ଗୁଣଯୁକ୍ତ ଉଚ୍ଚମାନର ହେଲିକ୍ୟାପ୍ଟର ମିଳିପାରିବ । ଏହି ହେଲିକ୍ୟାପ୍ଟର ସହାୟତାରେ ଭାରତୀୟ ତଟ ଅଞ୍ଚଳର ସୁରକ୍ଷା ଆହୁରି ସୁଦୃଢ଼ ହେବ ବୋଲି କୁହାଯାଇଛି । ମନ୍ତ୍ରଣାଳୟ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ କ୍ଷେପଣାସ୍ତ୍ର ଉତ୍କ୍ଷେପଣ ନିମନ୍ତେ ସର୍ଫେସ୍-ଟୁ ଏୟାର୍ ଭଟିକାଲ୍ ଲଞ୍ଚ୍ ପାଇଁ ଆବଶ୍ୟକ ଯନ୍ତ୍ରାଂଶ କ୍ରୟ ନିମନ୍ତେ ୨ ହଜାର ୧୮୨ କୋଟି ଟଙ୍କାର ଚୁକ୍ତି ସ୍ୱାକ୍ଷରିତ ହୋଇଛି । ରୁଷର ଏକ କମ୍ପାନୀ ସହିତ ଏହି ଚୁକ୍ତି ସ୍ୱାକ୍ଷରିତ ହୋଇଥିବା ଜଣାପଡ଼ିଛି । ଏହା ସାହାଯ୍ୟରେ ଯୁଦ୍ଧ ଜାହାଜରୁ ଲକ୍ଷ୍ୟ ସ୍ଥଳକୁ କ୍ଷେପଣାସ୍ତ୍ର ଉତ୍କ୍ଷେପଣ କରାଯାଇ ପାରିବ ।

## ଜୟଶଙ୍କର-ଇଣ୍ଡୋନେସିଆନ୍ ଆମ୍ବାସଡର

ଭାରତରେ ଅବସ୍ଥାପିତ ଇଣ୍ଡୋନେସିଆର ରାଷ୍ଟ୍ରଦୂତ ଇନା କ୍ରିଷ୍ଣମୂର୍ତ୍ତୀଙ୍କ ସହ ଆଜି ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍. ଜୟଶଙ୍କର ବିଦାୟୀକାଳୀନ ସାକ୍ଷାତ କରିଛନ୍ତି । ଶ୍ରୀ ଜୟଶଙ୍କର କହିଛନ୍ତି, ଇଣ୍ଡିଆ-ଇଣ୍ଡୋନେସିଆ ବନ୍ଧୁତ୍ୱକୁ ସୁଦୃଢ଼ କରିବା କ୍ଷେତ୍ରରେ ଇନାଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ରହିଥିଲା । ଆଗାମୀ ଦିନରେ ସେ ଉଭୟ ଦେଶ

ମଧ୍ୟରେ ଥିବା ଭାଗିଦାରିତାକୁ ପ୍ରାଧାନ୍ୟ ଦେବେ ବୋଲି ଶ୍ରୀ ଜୟଶଙ୍କର ଆଶାବ୍ୟକ୍ତ କରିଛନ୍ତି ।

## ଇଣ୍ଡିଆ-ଆର୍ମି ଏମ୍‌ଓୟୁ ଲଦାଖ

ବିଶ୍ୱ ବନ୍ୟପ୍ରାଣୀ ଦିବସ ଅବସରରେ ଭାରତୀୟ ସେନା ଏବଂ ଲଦାଖର ଜଙ୍ଗଲ ଓ ପରିବେଶ ବିଭାଗ ମଧ୍ୟରେ ବୁଝାମଣା ପତ୍ର ସ୍ୱାକ୍ଷରିତ ହୋଇଛି । ବିଭିନ୍ନ ପ୍ରଜାତିର ବନ୍ୟ ପ୍ରାଣୀଙ୍କ ସଂରକ୍ଷଣ ଓ ସୁରକ୍ଷା ଦିଗରେ ନିଶ୍ଚିତ ପଦକ୍ଷେପ ଗ୍ରହଣ କରିବା ଉଦ୍ଦେଶ୍ୟରେ ଏହି ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଥିବା ଜଣାପଡ଼ିଛି । ବିଶେଷ କରି ଲଦାଖର ବରଫାବୃତ ଅଞ୍ଚଳରେ ଦେଖାଦେଉଥିବା ଚିତାବାଘ, ଗଧିଆ ଭଳି ପଶୁମାନଙ୍କ ସଂରକ୍ଷଣ ଦିଗରେ ଏହି ବୁଝାମଣାପତ୍ରରେ ସ୍ୱତନ୍ତ୍ର ବ୍ୟବସ୍ଥା ରହିଛି । ପ୍ରତିରକ୍ଷା ମନ୍ତ୍ରଣାଳୟ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ଲଦାଖର ଅତ୍ୟନ୍ତ ଉଚ୍ଚତମ ଅଞ୍ଚଳରେ ପରିବେଶ ସୁରକ୍ଷା ଏବଂ ସମାବେଶୀ ବିକାଶ ଲକ୍ଷ୍ୟ ପୂରଣ କରିବା ଦିଗରେ ଏହି ବୁଝାମଣା ଅତ୍ୟନ୍ତ ଉପଯୋଗୀ ହେବ ।

# ପ୍ରେଜ୍-ହୋଲି

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ହୋଲି ପର୍ବର ଅବ୍ୟବହିତ ପୂର୍ବରୁ ଦେଶବାସୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ଶ୍ରୀମତୀ ମୁର୍ମୁ ତାଙ୍କ ବାର୍ତ୍ତାରେ କହିଛନ୍ତି, ଆନନ୍ଦର ପର୍ବ ହୋଲି ସମାଜରେ ଶାନ୍ତିର ବାର୍ତ୍ତା ପ୍ରଦାନ କରିଥାଏ । ହୋଲି ସାମାଜିକ ବନ୍ଧନକୁ ସୁଦୃଢ଼ କରି ସମସ୍ତଙ୍କ ମନରେ ଆଶାର ସଞ୍ଚାର କରିଥାଏ । ଏହି ପର୍ବ ବିବିଧତା ମଧ୍ୟରେ ଏକତାର ପ୍ରତୀକ ବୋଲି ରାଷ୍ଟ୍ରପତି କହିଛନ୍ତି ।

# ଅମିତ ଶାହା

ସ୍ୱରାଷ୍ଟ୍ର ଅମିତ ଶାହା ଆଜି ପବିତ୍ର ଅଟୁକାଲ ପୋଙ୍ଗାଲ ଉତ୍ସବ ଅବସରରେ ଦେଶବାସୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ସାମାଜିକ ଗଣମାଧ୍ୟମରେ ଶ୍ରୀ ଶାହା ଏହି ଉତ୍ସବ ସମସ୍ତଙ୍କ ଜୀବନରେ ଆନନ୍ଦ ଓ ସମୃଦ୍ଧି ଆଣିଦେଉ ବୋଲି କାମନା କରିଛନ୍ତି ।

# ନେପାଳ ଇଲେକସନ୍

ନେପାଳରେ ଆସନ୍ତା ଗୁରୁବାର ଦିନ ଏକ କୋଟି ୮୦ ଲକ୍ଷ ମତଦାତା ସେମାନଙ୍କର ନୂତନ ନେତା ନିର୍ବାଚନ କରିବେ । ନିର୍ବାଚନର ୪୮ ଘଣ୍ଟା ପୂର୍ବରୁ ଆଜି ପ୍ରଚାର କାର୍ଯ୍ୟ ବନ୍ଦ ହୋଇଛି । ମତଦାନ ପାଇଁ ନେପାଳ ନିର୍ବାଚନ ଆୟୋଗଙ୍କ ପକ୍ଷରୁ ସମସ୍ତ ବ୍ୟବସ୍ଥା ଗ୍ରହଣ କରାଯାଇଛି ।

ମତଦାନ ସକାଳ ୭ଟାରୁ ଆରମ୍ଭ ହୋଇ ଅପରାହ୍ଣ ୫ଟା ପର୍ଯ୍ୟନ୍ତ ଚାଲିବ । ୧୬୫ଟି ଆସନ ପାଇଁ ହେଉଥିବା ନିର୍ବାଚନରେ ୬୫ଟି ରାଜନୈତିକ ଦଳ ପକ୍ଷରୁ ୩ ହଜାର ୪୦୬ ଜଣ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି ।

# ବ୍ୟାଡ୍‌ମିଣ୍ଟନ

ବର୍ମିଂହାମ୍‌ଠାରେ ଆଜି ଅଲ୍ ଇଂଲଣ୍ଡ ବ୍ୟାଡ୍‌ମିଣ୍ଟନ୍ ଚାମ୍ପିୟନ୍‌ସିପ୍ ଆରମ୍ଭ ହୋଇଛି । ଟୁର୍ଣ୍ଣାମେଣ୍ଟରେ ପୁରୁଷ ଏକକ ବର୍ଗରେ ଭାରତରୁ ଲକ୍ଷ୍ୟ ସେନ ଏବଂ ଡବଲ୍ସ ଯୋଡ଼ି ସାତ୍ୱିକ ସାଇରାଜ ରାଙ୍କି ରେଡ୍ଡୀ ଓ ଚିରାଗ୍ ସେଟ୍ଟୀ ଅଂଶଗ୍ରହଣ କରୁଛନ୍ତି । ଦୁବାଇ ବିମାନ ବନ୍ଦରରେ ମହିଳା ବ୍ୟାଡ୍‌ମିଣ୍ଟନ ତାରକା ପି.ଭି. ସିନ୍ଧୁ ଅଟକି ରହିଥିବାରୁ ଟୁର୍ଣ୍ଣାମେଣ୍ଟରୁ ବାଦ୍

ପଡ଼ିଛନ୍ତି । ଆଜି ସନ୍ଧ୍ୟାରେ ପୁରୁଷ ଏକକ ବର୍ଗରେ ଲକ୍ଷ୍ୟ ସେନ, ଟୁର୍ଣ୍ଣାମେଣ୍ଟର ପୂର୍ବବର୍ଷର ଚାମ୍ପିୟାନ୍ ଚୀନ୍‌ର ସି ୟୁ କ୍ୱି'ଙ୍କ ସହ ମୁକାବିଲା ଆରମ୍ଭ ହୋଇଛି ।

## ଆଇସିସି-ଟି-ଟ୍ୱେଣ୍ଟି ୱାର୍ଲ୍ଡକପ୍

ଆଇ.ସି.ସି. ପୁରୁଷ ଟି-ଟ୍ୱେଣ୍ଟି ବିଶ୍ୱକପ୍ କ୍ରିକେଟ୍‌ର ପ୍ରଥମ ସେମିଫାଇନାଲ୍‌ରେ ଆସନ୍ତାକାଲି କୋଲକାତାର ଇଡେନ୍‌ଗାର୍ଡେନ୍ସରେ ଦକ୍ଷିଣ ଆଫ୍ରିକା ଏବଂ ନ୍ୟୁଜିଲାଣ୍ଡ ମଧ୍ୟରେ ପ୍ରଥମ ସେମିଫାଇନାଲ୍ ମ୍ୟାଚ୍ ଖେଳାଯିବ । ଭାରତୀୟ ସମୟ ସନ୍ଧ୍ୟା ୭ଟାରେ ମ୍ୟାଚ୍ ଆରମ୍ଭ ହେବ । ଗୁରୁବାର ଦିନ ଦ୍ୱିତୀୟ ସେମିଫାଇନାଲ୍ ମ୍ୟାଚ୍ ମୁମ୍ବାଇର ୱାଙ୍ଖେଡେ ଷ୍ଟାଡିୟମ୍‌ରେ ଭାରତ ଏବଂ ଇଂଲଣ୍ଡ ମଧ୍ୟରେ ଅନୁଷ୍ଠିତ ହେବ । ଉଭୟ ମ୍ୟାଚ୍‌ର ବିଜେତାଙ୍କ ମଧ୍ୟରେ ଆସନ୍ତା ରବିବାର ଦିନ ଅହମ୍ମଦାବାଦର ନରେନ୍ଦ୍ର ମୋଦୀ ଷ୍ଟାଡିୟମ୍‌ରେ ଫାଇନାଲ୍ ମ୍ୟାଚ୍ ଅନୁଷ୍ଠିତ ହେବ ।